## ସଂକ୍ଷେପରେ

### ସୋର ଡାକ୍ତରଖାନାରେ ଦୈନିକ କୋଭିଡ୍ ପରୀକ୍ଷା

**ସୋର, ୨୭।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଡାକ୍ତରଖାନା ପରିସରରେ ସୋମବାରଠାରୁ ଦୈନିକ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ଅଦ୍ୟାବଧି ସହର ଓ ଗ୍ରାମାଞ୍ଚଳର ପ୍ରାୟ ଏକ ଶହ କେନ୍ଦ୍ରରେ କୋଭିଡ୍ ଟେଷ୍ଟ ହୋଇଥିବା ବେଳେ ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶରେ ପ୍ରତିଦିନ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ଡ. ସତ୍ୟନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ଦିନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କରୋନା ଲକ୍ଷଣଧାରୀମାନେ ଏହିଠାରେ ଆଣ୍ଟିଜେନ୍ ଟେଷ୍ଟ ମାଗଣାରେ କରିପାରିବେ। ପିଏଚ୍ଇଓ ବୈକୁଣ୍ଠନାଥ ଧାମୁଡିଆ, ବିପିଏମ୍ ମୁକ୍ତିକାନ୍ତ ପାଣିଗ୍ରାହୀ, ଫାର୍ମାସିଷ୍ଟ ସରୋଜ କୁମାର ନାୟକ, ଆଇସିଟିସି କାଉନ୍ସିଲର ଶମ୍ଭୁନାଥ ସାହୁ, ତପନ କୁମାର ମହାନ୍ତ, ମୁକ୍ତାରାଣୀ ମହାନ୍ତି, ସୁପ୍ରଭା କବି ଓ ଭାଗ୍ୟଶ୍ରୀ ବେହେରା ପ୍ରମୁଖ ଏହି ଦାୟିତ୍ୱରେ ଅଛନ୍ତି। ଅଧିକ ସୂଚନା ପାଇଁ ଏହି କେନ୍ଦ୍ରରେ ଖୋଲାଯାଇଥିବା କଣ୍ଟ୍ରୋଲ ରୁମ୍ ନଂ. ୮୨୪୯୯୮୭୪୪/ ୯୬୬୮୧୬୩୮୭୬ ଓ ୮୮୪୭୮୫୨୯୪୩ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

### ଦୁର୍ଘଟଣାରେ ୨ ମୃତ

**ପାଟଣା,୨୭।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଖିରେଇଟାଙ୍ଗିରୀ ଶିଶୁ ମନ୍ଦିର ନିକଟରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ହେଉଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ମୃତକ ୨ ଜଣ ହେଲେ ବାରିଆ ଥାନା ପାଣପଶି ଗ୍ରାମର ଭରତ ମହାନ୍ତ ଓ ପ୍ରଫୁଲ୍ଲ ଲୋହାର। ସୂଚନା ଅନୁଯାୟୀ ଏହି ତିନି ଜଣ ଏକ ବାଇକ ଯୋଗେ ପାଣପଶି ଗ୍ରାମରୁ ଶୁଙ୍କୁଳାପଶିକୁ ଏକ ଶୁଦ୍ଧିକ୍ରିୟାକୁ ଯୋଗ ଦେବାକୁ ଯାଉଥିବା ବେଳେ ଏକ କଣ୍ଟେନର ବାଇକକୁ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା।

### ପାଳିଆବିନ୍ଧା ଗ୍ରାମ୍ୟ ବ୍ୟାଙ୍କରୁ ଚୋରି

**ତିହିଡ଼ି, ୨୭।୧୦(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ପାଳିଆ ବଜାରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ୨୫ତାରିଖ ରାତିରେ ଚୋରି ହୋଇଛି। ବ୍ୟାଙ୍କର ପଛପାଖ ଝରକାକୁ ଚୋରମାନେ ଭାଙ୍ଗି ସେହି ବାଟେ ପ୍ରବେଶ କରି ବ୍ୟାଙ୍କର ଦୁଇଟି ଲୁହା ଆଲମିରା ଓ ଆଇରନ ଚେଷ୍ଟରୁମର ଲୁହା କବାଟକୁ ଭାଙ୍ଗି ଦେଇଥିଲେ। ଶେଷରେ ବ୍ୟାଙ୍କର ଟଙ୍କାଥିବା ଲୁହା ଲକରକୁ ସେମାନେ ଗ୍ୟାସ୍ କଟର ସାହାଯ୍ୟରେ କାଟିଥିଲେ ମଧ୍ୟ ଲୁଟ କରିବାରେ ବିଫଳ ହୋଇଥିଲେ। ଚୋରମାନେ ବ୍ୟାଙ୍କର ଗୋଟିଏ ଇନଭଟର୍ ଓ ଏକ ବ୍ୟାଟେରି ନେଇ ପଳାଇଥିଲେ। ବ୍ୟାଙ୍କ ମ୍ୟାନେଜର ରାଜେନ୍ଦ୍ର ବସନ୍ତରାୟଙ୍କ ଅଭିଯୋଗକୁ ଭିତ୍ତି କରି ତିହିଡ଼ି ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିବା ସହ ସନ୍ଦେହରେ ଜଣଙ୍କୁ ଅଟକ ରଖିଥିବା ସୂଚନା ଦେଇଛି। ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ଅତୁଲ କୁମାର ମହାନ୍ତି ବାଲେଶ୍ୱରରୁ ଆସି କ୍ଷେତ୍ରୀୟ ତଦନ୍ତ କରି ଫେରିଛନ୍ତି।

### ବଡ଼ଭାଇ ଶାବଳ ମାଡ଼ରେ ସାନ ମୃତ

**ବାସୁଦେବପୁର,୨୭।୧୦ (ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତର ସଦେଇପଡ଼ା ଗ୍ରାମରେ ରବିବାର ଅପରାହ୍ନରେ ବଡ଼ଭାଇ ଶାବଳ ମାଡ଼ରେ ସାନଭାଇଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅମରେନ୍ଦ୍ର ତ୍ରିପାଠୀ। ଏନେଇ ବାସୁଦେବପୁର ଥାନା ପୋଲିସ ଏକ ମାମଲା (ନଂ.୨୮୦/୨୦) ରୁଜୁ କରି ଅଭିଯୁକ୍ତ ବଡ଼ ଭାଇ ସତ୍ୟବ୍ରତ ତ୍ରିପାଠୀଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ପାରିବାରିକ କଳହକୁ କେନ୍ଦ୍ର କରି ବଡ଼ଭାଇ ସତ୍ୟବ୍ରତ ଏକ ଶାବଳରେ ଅମରେନ୍ଦ୍ରଙ୍କ ମୁଣ୍ଡକୁ ଶକ୍ତ ପାହାର ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏସ୍‌ଡିପିଓ ସାର୍ଥକ ରାୟ, ଥାନା ଆଇଆଇସି ପ୍ରଦୀପ ମାଝି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ମା'ଙ୍କୁ ମେଲାଣି


ବାଲେଶ୍ୱର ମୋତିଗଞ୍ଜ ଦୁର୍ଗାମେଢ।


ଭଦ୍ରକ ସହରର ଗରଦପୁର ଦୁର୍ଗାମେଢ।


ବାରିପଦା ତୁଳସୀଚଉରା ମେଢ।


କେନ୍ଦୁଝର ନ୍ୟୁ କଲୋନୀ ମେଢ।

# ରାଶନ ସାମଗ୍ରୀ ନ ମିଳିବାରୁ ଧାରଣା

**ବାରିପଦା ଅଫିସ,୨୭।୧୦**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବା ଏକ ପରିବାର ସଦସ୍ୟ ମଙ୍ଗଳବାର ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବେତନଟୀ ପଞ୍ଚାୟତ ଆମ୍ବଯୋଡ଼ା ଗ୍ରାମର ସୁରେନ୍ଦ୍ର ନାଏକ ୧୫ମାସ ହେଲା ରାଶନକାର୍ଡରେ ନିଜ ନାମ ଯୋଡ଼ିବାକୁ ଦରଖାସ୍ତ କରିବା ପରେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ଫଳରେ ସରକାରଙ୍କ ପକ୍ଷରୁ ମିଳୁଥିବା ରାଶନ ସାମଗ୍ରୀ ପାଇବାରୁ ସେ ବଞ୍ଚିତ ହେଉଥିଲେ। ତାଙ୍କ ପରିବାରରେ ଥିବା ସ୍ତ୍ରୀ ଯଶୋଦା ଓ ପୁଅ ଦିଲ୍ଲୀପଙ୍କୁ ରାଶନ ସାମଗ୍ରୀ ମିଳୁଥିବା ବେଳେ ସୁରେନ୍ଦ୍ର ଏଥିରୁ ବାଦ ପଡ଼ିଥିଲେ। ଏ ସମ୍ପର୍କରେ ସେ ବାରମ୍ବାର ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନ ଥିଲେ। ଫଳରେ ଆଦିବାସୀ ନେତା ମାନସିଂ ମୁର୍ମୁ ଓ ଶରତ ପରିଆଳଙ୍କ ନେତୃତ୍ୱରେ ସୁରେନ୍ଦ୍ର ସପରିବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରବି ନାରାୟଣ ପୃଷ୍ଟି, ଯୋଗାଣ ସହାୟକ ରାଜେଶ ସାହୁ ଓ କର୍ମଚାରୀମାନେ ତାଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୁରେନ୍ଦ୍ରଙ୍କ ପରିବାର ଧାରଣା ଦେଇଛନ୍ତି।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଶପଥ ପାଠ

**ବାଲେଶ୍ୱର ଅଫିସ, ୨୭।୧୦**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଏକ ଶପଥପାଠ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ଏନଡିଆରଏଫ୍ ଯବାନମାନେ ଯୋଗଦେଇ ଜୀବନର ସବୁକ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବା ସହ ଦୁର୍ନୀତି ମୂଳୋତ୍ପାଟନ ପାଇଁ ପ୍ରତ୍ୟେକ ସ୍ତରରୁ ଉଦ୍ୟମ ଜାରି ରଖିବାକୁ ଶପଥପାଠ କରିଥିଲେ। ପିଡି, ଡିଆରଡିଏ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୂଚନା ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ଏହାର ସଂଯୋଜନା କରିଥିଲେ। ଅନୁରୂପ ଭାବେ ବାଲେଶ୍ୱର ଭିଜିଲାନ୍ସ ମଣ୍ଡଳ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭିଜିଲାନ୍ସ ଏସ୍‌ପି ସନ୍ତୋଷ କୁମାର ମିଶ୍ର ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ ଏନ୍‌ଡିଆରଏଫ୍ ଯବାନମାନେ ଶପଥ ନେଉଛନ୍ତି।

## ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ

**ଭଦ୍ରକ ଅଫିସ,୨୭।୧୦**

ଭଦ୍ରକ ଟାଉନ ଥାନା ଅଧୀନ ମଠସାହି ଅଞ୍ଚଳରୁ ସୋମବାର ପୋଲିସ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ କରିଛି। ଚଢ଼ାଉ ସମୟରେ ନକଲି ଜର୍ଦ୍ଦା ସହ ବିଭିନ୍ନ କମ୍ପାନୀର ଲୋଗୋ, ଡ଼ବା, ପ୍ୟାକିଂ ମେଶିନ ଓ କଞ୍ଚାମାଲ ଜବତ କରାଯାଇଛି। ପୋଲିସକୁ ଦେଖି ଅଭିଯୁକ୍ତ ଚତୁରତାର ସହିତ ଘଟଣାସ୍ଥଳରୁ ଖସି ଯାଇଥିବା ସୂଚନା ମିଳିଛି। ଏଥିପୂର୍ବରୁ ପୁରୁଣାବଜାର ଥାନା ଅଞ୍ଚଳରୁ ଅଧିକାଂଶ ସମୟରେ ନକଲି ଜର୍ଦ୍ଦା ଧରା ପଡୁଥିବା ବେଳେ ଏବେ ସହରାଞ୍ଚଳ ଥାନା ଅଞ୍ଚଳରୁ ନକଲି ଜର୍ଦ୍ଦା ଜବତ ହୋଇଥିବା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଦୁଇଦିନ ପୂର୍ବେ ପୁରୁଣାବଜାର ଅଞ୍ଚଳରେ ଚାଲିଥିବା ନକଲି ଜର୍ଦ୍ଦା କାରଖାନାରେ ପୋଲିସ ଚଢ଼ାଉ ବେଳେ ପୋଲିସ ଓ ଖବରଦାତାଙ୍କୁ ଜର୍ଦ୍ଦା ମାଫିଆ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପରେ ଆକ୍ରମଣକାରୀଙ୍କ ମଧ୍ୟରୁ ୨ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା।

## ଜମିବାଡ଼ି ବିବାଦରୁ ଗାଁରେ ଫୁଟିଲା ଗୁଳି

**ବାସୁଦେବପୁର, ୨୭।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଇଣ୍ଡିଆସାହି ଗ୍ରାମରେ ଜମିବାଡ଼ି ବିବାଦରେ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗତ ୨୪ ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଗୋଟିଏ ପକ୍ଷର ରମାକାନ୍ତ ଅଗସ୍ତୀ ଗୁଳି ଫୁଟାଇ ଅନ୍ୟମାନଙ୍କୁ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଏହି ଗୁଳିକାଣ୍ଡରେ କାହାରି କିଛି କ୍ଷତି ହୋଇ ନ ଥିବା ବେଳେ ଘଟଣାସ୍ଥଳରୁ ବାସୁଦେବପୁର ପୋଲିସ ଏକ ଖୋକାକୁ ଜବତ କରିଛି। ଏହି ଘଟଣାରେ ମଦନ ମୋହନ ଅଗସ୍ତୀଙ୍କ ଅଭିଯୋଗକ୍ରମେ ରମାକାନ୍ତଙ୍କ ନାଁରେ ପୋଲିସ ଏକ ମାମଲା (ନଂ.୨୭୭/୨୦) ରୁଜୁ କରିଛି। ସେହିପରି ରମାକାନ୍ତଙ୍କ ସ୍ତ୍ରୀ ଆରତୀଙ୍କ ଏତଲାକ୍ରମେ ଅପରପକ୍ଷର କେତେକ ବ୍ୟକ୍ତିଙ୍କ ନାଁରେ ମାମଲା(ନଂ.୨୭୮/୨୦) ରୁଜୁ ହୋଇଛି। ଏନେଇ ଆଇଆଇସି ପ୍ରଦୀପ କୁମାର ମାଝିଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବସ୍ତାରୁ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର

**କେନ୍ଦୁଝର,୨୭।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ (ବାଇପାସ୍) ରାସ୍ତା ପୁରୁଣାସାହି ନିକଟରୁ ମଙ୍ଗଳବାର ଏକ ବସ୍ତା ଭିତରେ ପଶିଥିବା ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପୋଲିସ ଉଦ୍ଧାର କରିଛି। ଏନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ବେଳେ ମୃତ ମହିଳାଙ୍କ ପରିଚୟ ମିଳିନାହିଁ କିମ୍ବା ହତ୍ୟାର କାରଣ ସ୍ପଷ୍ଟ ହୋଇ ପାରିନାହିଁ। ଖବରପାଇ କ୍ରାଇମ ଡିଏସପି ସୁରେଶ ପାତ୍ର ଓ ଅନ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ଜଣେ ବ୍ୟକ୍ତି ଲୁନାରେ ଏକ ବସ୍ତା ନେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ତାଙ୍କୁ ଅଟକାଇ ପଚାରିଥିଲେ। ତେବେ ସେଥିରେ ମାଂସ ଥିବା ଲୁନା ଚାଳକ ଜଣକ କହିଥିଲେ। ପରେ ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ସୂଚନା ଦେବାବେଳେ ଲୁନା ଓ ବସ୍ତା ଛାଡ଼ି ସମ୍ପୃକ୍ତ ବ୍ୟକ୍ତି ଜଣକ ପଳାଇଯାଇଥିଲେ। ପରେ ଆସି ଲୁନା ନେଇ ସେ ପଳାଇଯାଇଥିଲେ ହେଁ ତାଙ୍କୁ କେହି ଧରିପାରି ନ ଥିଲେ। ପୋଲିସ ପହଞ୍ଚି ବସ୍ତା ଖୋଲି ଦେଖିବା ବେଳକୁ ତା ଭିତରୁ ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କ୍ରାଇମ ଡିଏସପି ପାତ୍ର କହିଛନ୍ତି। ମହିଳାଙ୍କ ବୟସ ପାଖାପାଖି ୩୫ ହେବ ବୋଲି ପୋଲିସ ଅନୁମାନ କରିଛି।


भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
Admission into Ph.D. Programme
(Spring Session: January – 2021)
ONLINE applications are invited from eligible candidates for admission into Ph.D. Programme in the Schools of Earth Ocean & Climate Sciences, Infrastructure, Electrical Sciences (inclusive of Comp. Sc. & Engg.), Mechanical Sciences, Minerals, Metallurgical and Materials Engineering, Basic Sciences, Humanities, Social Sciences and Management. For further details, visit our website http://www.iitbbs.ac.in
Sd./- Registrar

WANTED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। Salary: 9000/- to 27,000/. Qualification- 7th to 10th & above.
Contact:8144204606

ଚେନ୍ନାଇରେ ଚାକିରି/ ହିନ୍ଦୀ କହିପାରୁଥିବା ଜରୁରୀ/ତୁରନ୍ତ ଯୋଗଦେବା ଆବଶ୍ୟକ/ ବେତନ ୧୩୦୦୦ - ୧୮୦୦୦ + ରୁମ୍/ ଘର ରୋଷେୟା / ଘର ସଫେଇବାଲା/ ଘରୋଇ ଚାକର/ ଅଫିସ୍ ଆସିଷ୍ଟାଣ୍ଟ
9884761210

WALK-IN-INTERVIEW
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ।
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି – ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା
(୨୦୨୧-୨୨ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-X)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୦/ଜାନୁୟାରୀ ୨୦୨୧ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍–।) |
| ୦୨ | ଏଗ୍ରିକଲ୍‌ଚରାଲ୍ ଫିଲ୍‌ଡ ଅଫିସର୍ (ସ୍କେଲ୍ ।) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ ।) |
| ୦୪ | ଲ' ଅଫିସର୍ (ସ୍କେଲ୍ ।) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ ।) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ ।) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୨।୧୧।୨୦୨୦–୨୩।୧୧।୨୦୨୦ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୨।୧୧।୨୦୨୦–୨୩।୧୧।୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୦ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **୨୬।୧୨।୨୦୨୦ ଓ ୨୭।୧୨।୨୦୨୦** |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୧ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୧ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **୨୪।୦୧।୨୦୨୧** |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୧ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୨୧ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୧ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ତା୦୧।୧୧।୨୦୨୦ରିଖର ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୮।୧୦।୨୦୨୦ — ନିର୍ଦ୍ଦେଶକ


# ସହାୟତା ଅପେକ୍ଷାରେ ବାବୁଲି

**ଚମ୍ପୁଆ, ୨୭।୧୦ (ଡି.ଏନ.ଏ)**

ରାଜ୍ୟ ସରକାର ଅସହାୟ ଭିନ୍ନକ୍ଷମମାନଙ୍କ ପାଇଁ ବହୁବିଧି ଯୋଜନା ମାନ କରିଛନ୍ତି। ମାତ୍ର ସମାଜରେ ବହୁ ଭିନ୍ନକ୍ଷମ ଓ ଅସହାୟ ମଣିଷଙ୍କ ପାଖରେ ଏହି ଯୋଜନା ପହଞ୍ଚି ପାରୁନାହିଁ। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତର ଫୁଲକଁଳେଇ ଗ୍ରାମର ସାଉନ୍ତି ସାହି ବାବୁଲି ନାଏକଙ୍କ କ୍ଷେତ୍ରରେ। ସେ ଜଣେ ଅସହାୟ ମଣିଷ। ଏକ ଦୁର୍ଘଟଣାରେ ନିଜ ବାମ ଗୋଡ ଅକାମି ହେଇଯିବା ପରେ ଚିକିତ୍ସା ବାବଦକୁ ସଞ୍ଚୟ କରିଥିବା ଅର୍ଥ ଶେଷ ହୋଇଯିବା ପରେ ନିଃସ୍ୱ ମଣିଷଟିଏ ପାଲଟି ଯାଇଥିଲେ। ଅକର୍ମଣ୍ୟ ହେତୁ ରୋଜଗାର କରିବା ତାଙ୍କପାଇଁ ଅସମ୍ଭବ ହୋଇପଡିଥିବା ବେଳେ ହାତ ଧରି ବିବାହ କରିଥିବା ସହଧର୍ମଣୀ ବାବୁଲିଙ୍କୁ ଛାଡି ପଳାଇଥିଲେ। ଅଭାବ ଅନାଟନ ଭିତରେ କାଳତିପାତ କରୁଥିବା ଏହି ଭିନ୍ନକ୍ଷମ ମଣିଷ ଶେଷରେ ପେଟ ଚାଖଣ୍ଡଙ୍କ ପାଇଁ ଭିକ୍ଷା ବୃତ୍ତିକୁ ଆଦରି ନେଇଛନ୍ତି।

ସୂଚନା ଅନୁସାରେ ବାବୁଲି ନାଏକ ଦୀର୍ଘ ୧୦ ବର୍ଷ ତଳେ ଏକ ପଥର ହୁଡିରେ ପଥର ପିଟା କାମରେ ନିୟୋଜିତ ଥିବା ବେଳେ ଏକ ବିରାଟ ପଥର ତାଙ୍କ ବାମ ଗୋଡକୁ ଚାପି ଦେଇଥିଲା। ଚିକିତ୍ସା ପରେ ମଧ୍ୟ ତାହା ଅକାମି ହୋଇପଡିଥିଲା। ଫଳରେ କୌଣସି କାମ କରିବା ତାଙ୍କ ପାଇଁ ଅସମ୍ଭବ ହୋଇପଡିଥିଲା। ଚମ୍ପୁଆ, ତୁରୁମୁଙ୍ଗା ଓ କରିଆଠାରେ ସପ୍ତାହରେ ତିନିଦିନ ଧରି ଭିକ୍ଷାବୃତ୍ତି କରି ଯାହା ରୋଜଗାର ହୁଏ ସେଥିରେ ସେ ନିଜ ଗୁଜୁରାଣ ମେଣ୍ଟାଉଥିବା କହିଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ପ୍ରତି ପ୍ରଶାସନର ଶୁଭ ଦୃଷ୍ଟି ପଡିପାରୁନାହିଁ। ଏପରିକି ଭିକ୍ଷାବୃତି ଏକ ସାମାଜିକ କଳଙ୍କ ଏହା କରିବାକୁ ଲଜ୍ଜା ଲାଗେ ସତ। ମାତ୍ର ମୋ ପାଖରେ କୌଣସି ଉପାୟ ନାହିଁ। ଯଦି ପ୍ରଶାସନ ମୋତେ ଏକ ଟ୍ରାଇ ସାଇକେଲ ଓ ଆର୍ଥିକ ସହାୟତା ପ୍ରଦାନ କରନ୍ତି ତେବେ ମୁଁ ଛୋଟ ବ୍ୟବସାୟ କରି ଏ କଳଙ୍କିତ ବୃତ୍ତିରୁ ନିଜକୁ ଦୂରେଇ ପାରିବି ବୋଲି କହିଛନ୍ତି। ଏସମ୍ପର୍କରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନାଭ ବେହେରା କହିଛନ୍ତି ଯେ, ତୁରନ୍ତ ବାବୁଲି ନାଏକଙ୍କୁ ସହାୟତା ପ୍ରଦାନ କରାଯିବ।



ଭିକ୍ଷାବୃତ୍ତିକୁ ଆଦରି ଥିବା ବାବୁଲି।

## ଅସ୍ଥାୟୀ ପୋଖରୀରେ ମା'ଙ୍କୁ ବିସର୍ଜନ

ଚମ୍ପୁଆ, (ଡି.ଏନ.ଏ): ଶେଷ ହେଲା ମା' ଦୁର୍ଗତିନାଶିନୀଙ୍କ ପୂଜା। ନିରାଡ଼ମ୍ବର ଭାବେ ମଣ୍ଡପରୁ ନିଆଯାଇ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଛି। କରୋନା କଟକଣା ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା।ବୁଧବାର ସେହି ପୋଖରୀରୁ ନଡା, କୁଟା ଓ କାଠ ବାହାର କରାଯାଇ ବିଶୋଧନ କରାଯିବ ବୋଲି ସାନିଟାଇଜ ଇନଚାର୍ଜ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଶଟ୍ ସର୍କିଟରୁ ଜଳିଗଲା ଚଳନ୍ତା କାର୍

କେନ୍ଦୁଝର,୨୭।୧୦(ସ୍ୱ.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ବସନ୍ତପୁର ଓଭରବ୍ରିଜ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଚଳନ୍ତା କାର୍‌ରେ ଶଟ୍ ସର୍କିଟ ଯୋଗୁ ନିଆଁ ଲାଗି ଯିବାରୁ ଡ୍ରାଇଭର ସମେତ ଗାଡ଼ିରେ ବସିଥିବା ଲୋକମାନେ ବର୍ତ୍ତି ଯାଇଛନ୍ତି। ଖବର ପାଇ ତୁରନ୍ତ ଅଗ୍ନିଶମ ବିଭାଗ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। ଆର୍‌ଟିଓ ତଥ୍ୟରୁ ଜଣାପଡ଼ିଛି ଯେ, କାର୍‌ଟି ମାନସୀ ବେହେରାଙ୍କ ନାମରେ ରହିଛି। ତେବେ କାର୍ ଚାଳକ ଓ ଲୋକମାନଙ୍କ ପରିଚୟ ମିଳିନାହିଁ।

### ଦୁର୍ନୀତି ନିବାରଣ ଲାଗି ଶପଥପାଠ

ଭଦ୍ରକ ଅଫିସ,୨୭।୧୦: ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ସମାଜରୁ ଦୁର୍ନୀତି ବିଲୋପ ପାଇଁ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଶାସନ କ୍ଷେତ୍ରରେ ସଂସ୍କାର ଅଣାଗଲେ ମଧ ଦୁର୍ନୀତି ନିବାରଣ ପାଇଁ ବ୍ୟାପକ ସଚେତନତା, ମାନବିକତା ଏବଂ ନିଜର କର୍ମପ୍ରତି ସଚ୍ଚୋଟତା ଓ ନୈତିକତା ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅରୁଣ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ

ତିହିଡ଼ି, ୨୭।୧୦(ସ୍ୱ.ପ୍ର.): ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ କାଁପଡ଼ା ଗ୍ରାମରେ ଗତ ୨୪ ତାରିଖ ରାତିରେ ଏକ ଟାଟା ମ୍ୟାଜିକ ଗାଡ଼ିକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଗ୍ରାମର ଶଶିକାନ୍ତ ମଳିକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ନିଜ ଗାଡ଼ିକୁ ଘର ପାଖରେ ରଖି ଶୋଇଥିବା ସମୟରେ ରାତିରେ କେହି ସେଥିରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ନିଆଁ ଲିଭାଇଥିଲେ। ଏନେଇ ତିହିଡ଼ି ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଗୃହରକ୍ଷୀଙ୍କ ମାଡ଼ରେ ଯୁବକ ଗୁରୁତର

ଖଇରା, ୨୭।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ଅଧୀନ ଖଇରା ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ଜଗବନ୍ଧୁ ବାରିକଙ୍କ ମାଡରେ ଦୀନବନ୍ଧୁ ବେହେରା ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଆହତ ଦୀନବନ୍ଧୁଙ୍କ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୀନବନ୍ଧୁ ସୋମବାର ରାତିରେ ପ୍ରସାଦସେବନ କରି ଫେରୁଥିବା ବେଳେ ପୂର୍ବ ଘଟଣାକୁ ନେଇ ଜଗବନ୍ଧୁ ଏବଂ ଦୀନବନ୍ଧୁଙ୍କ ମଧ୍ୟରେ ଯୁକ୍ତିତର୍କ ମୁଥ ମରାମରି ହୋଇଥିଲେ। ଜଗନ୍ନାଥ, ତାଙ୍କର ଭାଇ ଟୁନା ଓ ଅନ୍ୟ କେତେଜଣ ସହଯୋଗୀ ଏକ ପଥରରେ ଆକ୍ରମଣ କରିବାରୁ ଦୀନବନ୍ଧୁ ଆହତ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଏ ସମ୍ପର୍କରେ ଗୃହରକ୍ଷୀ ଜଗବନ୍ଧୁଙ୍କୁ ପଚାରିବାରେ ପ୍ରଥମେ ଦୀନବନ୍ଧୁ ତାଙ୍କୁ ପୁରୁଣା କଥାକୁ ନେଇ ଗାଳି ଦେବାରୁ ସେ ଏହାର ପ୍ରତିବାଦ କରିଥିଲେ। ଦୀନବନ୍ଧୁ ରାଗି ମୁଥ ମାରିବା ସମୟରେ ଜଗବନ୍ଧୁ ଠେଲି ଦେବାରୁ କାନ୍ଥରେ ବାଜି ଦୀନବନ୍ଧୁ ମୁହଁ ଫାଟି ଯାଇଥିବା ସେ କହିଛନ୍ତି ।

### ମହିଳାଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୨୭।୧୦ (ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଦୁମାଡ଼ିହି ଗ୍ରାମ ନିକଟସ୍ଥ ବିଲରେ ଥିବା ଏକ ଡଗୱେଲ୍‌ରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ବାଟହୁମା ଗ୍ରାମର ଲୁସୁ ମାଝିଙ୍କ ସ୍ତ୍ରୀ ଯାସମୀ (୪୩) । ବିଜାତଲା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୦) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ କହିଛନ୍ତି ।

# ହାଇୱେ ପାଟ୍ରୋଲିଂ ପାଇଁ ମିଳୁ ନାହାନ୍ତି ଏସ୍‌ପିଓ

ଭୁବନେଶ୍ୱର,୨୭।୧୦ (ବ୍ୟୁରୋ)

**ଓଡ଼ିଶା ପୋଲିସକୁ କୋଭିଡ୍ ବାଧକ**
- ସ୍ୱଳ୍ପ ଭଡ଼ା ଯୋଗୁ ଗାଡ଼ି ଦେବାକୁ ରାଜି ହେଉନାହାନ୍ତି ମାଲିକ
- ପୁଣି ନୋଟିସ ପ୍ରକାଶ କଲା ରାଜ୍ୟ ପୋଲିସ

ରାଜ୍ୟରେ ଅଧିକାଂଶ ଦୁର୍ଘଟଣା ଜାତୀୟ ରାଜପଥରେ ହିଁ ଘଟୁଛି। ତେଣୁ ଏହାକୁ ରୋକିବା ପାଇଁ ହାଇୱେ ପାଟ୍ରୋଲିଂ ଉପରେ ଗୁରୁତ୍ୱ ଦେବାକୁ ସୁପ୍ରିମ୍‌କୋର୍ଟ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ପୋଲିସକୁ ଯୁଦ୍ଧକାଳୀନ ଭିତ୍ତିରେ ପାଟ୍ରୋଲିଂ କରିବାକୁ କହିଛନ୍ତି। ହେଲେ ଏବେ ପୋଲିସ ପାଟ୍ରୋଲିଂ ପାଇଁ ୨ଟି ସମସ୍ୟା ସୃଷ୍ଟି ହୋଇଛି। ପ୍ରଥମତଃ କୋଭିଡ୍ ଯୋଗୁ ଏସ୍‌ପିଓ ଆବେଦନ କରୁ ନ ଥିବା ବେଳେ ୨ୟରେ କମ୍ ଭଡ଼ା ମିଳୁଥିବା କାରଣରୁ ପାଟ୍ରୋଲିଂ ପାଇଁ ଗାଡ଼ି ମିଳୁନି।

ପ୍ରକାଶ ଯେ, ହାଇୱେ ପାଟ୍ରୋଲିଂ ଭ୍ୟାନ୍‌ରେ ଏସ୍‌ପିଓଙ୍କୁ ନିଯୁକ୍ତି ଦିଆଯିବା କଥା। ଯେଉଁମାନେ ସେନା ଏବଂ ପୋଲିସ ବିଭାଗରୁ ଅବସର ନେଇଥିବେ ସେହିମାନଙ୍କୁ ଏହି ହାଇୱେ ପାଟ୍ରୋଲିଂରେ କାର୍ଯ୍ୟ କରିବାକୁ ଦିଆଯିବ। କିନ୍ତୁ କୋଭିଡ୍ ଭୟରେ କୌଣସି ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରୁନାହାନ୍ତି। କାରଣ ଯେଉଁମାନେ ଏସ୍‌ପିଓ ଭାବେ ନିୟୋଜିତ ହେବେ ସେମାନଙ୍କ ବୟସ ୬୦ ଉପରେ ହେବ। ସେମାନଙ୍କ କାର୍ଯ୍ୟ ରାଜପଥରେ ରହୁଥିବାରୁ ସେମାନେ ଏକାଧିକ ଥର ବାହାର ରାଜ୍ୟର ଡ୍ରାଇଭର ଏବଂ ଭିନ୍ନ ଭିନ୍ନ ଲୋକଙ୍କ ସହ ମିଳାମିଶା କରିବେ। ଯେଉଁଥିପାଇଁ ସେମାନଙ୍କୁ କୋଭିଡ୍ ହେବାର ଅଧିକ ସମ୍ଭାବନା ରହିଛି। ବୟସକୁ ଦୃଷ୍ଟିରେ ରଖି ଅନେକ ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରୁନାହାନ୍ତି। ଆଉ ଏକ କାରଣ ହେଉଛି ଏସ୍‌ପିଓଙ୍କୁ ୨୪ଘଣ୍ଟା କାର୍ଯ୍ୟ କରିବାକୁ କୁହାଯାଉଛି। ଯେଉଁଥିପାଇଁ ଅନେକ ଏଥିରେ ଯୋଗ ଦେବାକୁ ରାଜି ହେଉ ନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ବିଭାଗ ଏସ୍‌ପିଓଙ୍କ କାର୍ଯ୍ୟକୁ ୨୪ଘଣ୍ଟାରୁ ୮ଘଣ୍ଟାକୁ କମ୍ କରିବା ସହ ଏନେଇ ମଙ୍ଗଳବାର ଏକ ସାନି ବିଜ୍ଞପ୍ତି ପ୍ରକାଶ କରିଛି।

ସେହିପରି ଦ୍ୱିତୀୟ ସମସ୍ୟା ହେଲା ପାଟ୍ରୋଲିଂ ପାଇଁ ଆବଶ୍ୟକ ଭ୍ୟାନ୍ ମିଳୁନି। ରାଜ୍ୟ ପୋଲିସ ଭ୍ୟାନ୍ ଭଡ଼ାରେ ଲଗାଇବାକୁ ୨ଥର ଟେଣ୍ଡର କରିଥିଲେ ମଧ କୌଣସି ଗାଡ଼ି ମାଲିକ ଆବେଦନ କରୁନାହାନ୍ତି। ଯେଉଁଥିପାଇଁ ପୋଲିସ ପୁଣି ତୃତୀୟ ଥର ମଙ୍ଗଳବାର ସାନି ନୋଟିସ ବାହାର କରିଛି। ଏଥର ଟେଣ୍ଡରରେ କିଛିଟା ପରିବର୍ତ୍ତନ କରିଛି ପୋଲିସ। ହାଇୱେ ପାଟ୍ରୋଲିଂ ପାଇଁ ଭଡ଼ାକୁ ଲଗାଉଥିବା ଗାଡ଼ି ମାଲିକଙ୍କୁ ପୂର୍ବରୁ ମାସକୁ ଭଡ଼ା ଆକାରରେ ୩୦ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଏଥର ଏହି ଭଡ଼ାକୁ ୭୦ହଜାରକୁ ବୃଦ୍ଧି କରାଯାଇଛି। ଏହି ବୃଦ୍ଧି ଦ୍ୱାରା ଭ୍ୟାନ୍ ପାଇଁ ଗାଡି ମିଳିପାରିବ ବୋଲି ପୋଲିସ ବିଭାଗ ଆଶା ରଖିଛି।

## ତହସିଲଦାରଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ବାଲିଘାଟକୁ ନେଇ ବିବାଦ**

ଚିତ୍ରଡ଼ା,୨୭।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ମୋହନପୁର ପଞ୍ଚାୟତର ବଡ଼ମୁଣ୍ଡାବଣି ଗ୍ରାମ ଦେଇ ପ୍ରବାହିତ ଜମ୍ବୀରା ନଦୀରୁ ବାଲି ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। ମଙ୍ଗଳବାର ସନ୍ଧ୍ୟାରେ ମୋରଡ଼ା ତହସିଲଦାର ପ୍ରିୟଦର୍ଶିନୀ ମଲ୍ଲିକ ଓ ମୋହନପୁର ଆରଆଇ ଘଟଣାସ୍ଥଳରେ ପହଞ୍ଚି ନଦୀ ସଂଲଗ୍ନ ରାସ୍ତାକୁ ଜେସିବି ସାହାଯ୍ୟରେ ଖୋଳି ଦେଇଥିଲେ। ତେବେ ବାଲି ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନଦୀ ସଂଯୋଗ ରାସ୍ତାକୁ ଖୋଳି ଦେଇଥିବା ପ୍ରତିବାଦରେ ମୋହନପୁର ସରପଞ୍ଚ ଏବଂ ବଡ଼ମୁଣ୍ଡାବଣି ଗ୍ରାମବାସୀ ତହସିଲଦାର ଏବଂ ଆରଆଇଙ୍କୁ ସନ୍ଧ୍ୟା ୬ଟାରୁ ଅଟକ ରଖିଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଗ୍ରାମବାସୀ ସେମାନଙ୍କ ଜିଦରେ ଅଟଳ ରହିଥିଲେ। ଯେଉଁ ରାସ୍ତାଟିକୁ ତହସିଲଦାର ଜେସିବିରେ ଖୋଳି ଦେଇଛନ୍ତି, ପୂର୍ବରୁ ରାସ୍ତାଟି ଯେମିତି ଥିଲା ସେହିପରି ନିର୍ମାଣ କରିବାକୁ ଗ୍ରାମବାସୀମାନେ ଅଡ଼ି ବସିଛନ୍ତି। ଏନେଇ ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବିଜେଡିରେ ଯୋଗଦେଲେ ୬ ପରିବାର

ବନ୍ତ,୨୭।୧୦(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତରେ ୬ ପରିବାର ଅନ୍ୟ ଦଳ ଛାଡ଼ି ବିଜୁ ଜନତା ଦଳରେ ଯୋଗ ଦେଇଥିବା ପଞ୍ଚାୟତ ସଭାପତି ପଦ୍ମନାଭ ନାୟକ ସୂଚନା ଦେଇଛନ୍ତି । ସୋମବାର ଉକ୍ତ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘରପଦାଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ଗୋହିରାପଦୀ, ପଡ଼ିଆପଡ଼ା ଗ୍ରାମ ପରିକ୍ରମା କରି ଦୋଳପଦୀଠାରେ ଶେଷ ହୋଇଥିଲା। ସରପଞ୍ଚ ଅଶୋକ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଘରପଦା ଗ୍ରାମର ଦୟାନିଧି ବାରିକ, ଭରତ ଖିଲାର, କାଳନ୍ଦୀ ସାହୁ, ଧରଣୀଧର ସାହୁ, ଶ୍ରୀଧର ବାରିକ, ଦୋଳପଦୀ ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ, ପଡ଼ିଆପଡ଼ା ଗ୍ରାମର ପଦ୍ମନାଭ ସ୍ୱାଇଁଙ୍କ ସମେତ ସପରିବାର ଦଳରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାହୁ, ବାଇଧର ରାଜ, ନକୁଳ ଚରଣ ଖିଲାର, କରୁଣାକର ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ଦଳୀୟ କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।



ବିଜେଡିର ମିଶ୍ରଣ ପର୍ବରେ ଉପସ୍ଥିତ ନେତୃବୃନ୍ଦ ଓ କର୍ମୀ।

## ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ମୃତ

ଖଇରା, ୨୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ସାହୁ ତଥା ଖଇରା ଦୁର୍ଗାପୂଜା କମିଟି ସଭାପତି (୮୬) କରୋନାରେ ଆକ୍ରାନ୍ତ ହେବା ପରେ ୨୪ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ତାଙ୍କ ସ୍ତ୍ରୀ ପ୍ରମିଳା ଦୁଃଖରେ ମ୍ରିୟମାଣ ହୋଇ ପ୍ରାଣ ହରାଇବା ଘଟଣା ଖଇରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

## ମେଲାଣି ନେଲେ ମା'

ଢେଙ୍କିକୋଟ, ୨୭।୧୦(ଡି.ଏନ୍.ଏ.)

ଗତ ୨୨ ତାରିଖ ଠାରୁ ମା' ଜଗତଜନନୀ, ଦୁର୍ଗତିନାଶିନୀ ଦୁର୍ଗାଙ୍କ ଷଷ୍ଠୀ ବିଲ୍ୱବରଣୀ ପୂଜା ଆରମ୍ଭ ହୋଇ ମହା ସପ୍ତମୀ, ମହାଷ୍ଟମୀ, ନବମୀ ଏବଂ ଦଶମୀ ପୂଜା ଯଥାବିଧି ପୂଜକଙ୍କ ଦ୍ୱାରା କରାଯାଇଥିଲା। ବିନା ଭକ୍ତରେ ପୂଜାକମିଟିର କର୍ତ୍ତା ଏବଂ ପୂଜକଙ୍କ ଦ୍ୱାରା ପୂଜାକାର୍ଯ୍ୟ ଚାଲୁଥିବା ବେଳେ କମିଟି ସଦସ୍ୟଗଣ ସହଯୋଗ କରିଥିଲେ। ଢେଙ୍କିକୋଟ ଶାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପର ୯ମ ବାର୍ଷିକ ପୂଜା ଶେଷ ହୋଇଯାଇଛି। ମଙ୍ଗଳବାର ତାର ଭସାଣି ଉତ୍ସବ ମଧ ନିଆରା ପୂର୍ଣ୍ଣ ହୋଇ ପୂର୍ବାହ୍ନ ୧୧ଟା ବେଳେ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ଟ୍ରାକ୍ଟରରେ ବଜାର ପରିକ୍ରମା କରି ପୁଣ୍ୟତୋୟା ସୀତା ନଦୀରେ ବିସର୍ଜନ କରାଯାଇଛି। କମିଟିର ଉପଦେଷ୍ଟା ଉତ୍ତମ କୁମାର ନାୟକ ଙ୍କ ନେତୃତ୍ୱରେ କମିଟିର ବରିଷ୍ଠ ନେତା ସଂକଳ୍ପଧାରୀ ତ୍ରୈଲୋଚନ ବେହେରା, ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ମହାପାତ୍ର, ସକ୍ରିୟ ସଦସ୍ୟ ଲଲାଟେନ୍ଦୁ ସାହୁ (କୁନା) ପ୍ରମୁଖ ଭସାଣି ଉତ୍ସବରେ ଉପସ୍ଥିତ ଥିଲେ। ସରକାର ଙ୍କ କୋଭିଡ ନିୟମନୁଯାୟୀ ସମସ୍ତେ ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ରକ୍ଷାକରି ଶୋଭାଯାତ୍ରାରେ ଯାଇଥିଲେ। ପୂଜାମଣ୍ଡପକୁ ତଦାରଖ କରିବା ପାଇଁ ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ସମେତ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ପରିଦର୍ଶନ କରି ଯାଇଥିଲେ।



ଢେଙ୍କିକୋଟରେ ମା'ଙ୍କୁ ବିସର୍ଜନ ପାଇଁ ନିଆଯାଉଛି।

## ଭିଜିଲାନ୍ସ ସଚେତନତା ସପ୍ତାହ

କେନ୍ଦୁଝର, ୨୭।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ସିଭିଲ କୋର୍ଟ ପରିସରରେ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୦ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ୍‌ଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ କାର୍ଯ୍ୟକ୍ରମ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷର ଆହ୍ୱାନ ରହିଅଛି 'ସତର୍କ ଭାରତ ସମୃଦ୍ଧ ଭାରତ' ପ୍ରାଧିକରଣ ଦ୍ୱାରା ଆୟୋଜିତ ସମାରୋହରେ ସ୍ୱତନ୍ତ୍ର ଜଜ୍(ଭିଜିଲାନ୍ସ) ବିଶ୍ୱଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍‌ଜଜ୍ ସ୍ୱର୍ଣ୍ଣଲତା ନାୟକ, ପ୍ରାଧିକରଣ ସଚିବ ସୌଦାମିନୀ ବିଶ୍ୱାଳ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ବିରଜା ପ୍ରସାଦ ପଣ୍ଡା ଯୋଗ ଦେଇଥିବାବେଳେ ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ସତର୍କ ଭାରତ ଓ ସମୃଦ୍ଧ ଭାରତ ଗଠନ ପାଇଁ ଶପଥ ପାଠ କରିଥିଲେ। ବାର ସଂଘ ଅଧିବକ୍ତା ପାନେଲ ଆଇନଜୀବୀ ଓ ପାରା ଆଇନ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରି ଶପଥ ପାଠ କରିଥିଲେ।

## ବଡ଼ସାହି ଡାକ୍ତରଖାନା ୪୮ଘଣ୍ଟା ଶଟ୍‌ଡାଉନ

ବାରିପଦା ଅଫିସ,୨୭।୧୦

ମୟୂରଭଞ୍ଜ ଜିଲା ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ନ୍ତବିଭାଗକୁ ୪୮ଘଣ୍ଟା ଶଟ୍‌ଡାଉନ କରିବା ପାଇଁ ବାରିପଦା ସଦର ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୬ କୋଭିଡ୍ ଯୋଦ୍ଧା କରୋନାରେ ଆକ୍ରାନ୍ତ ହୋଇଥିବା ବଡ଼ସାହି ବିଡିଓ କରୁଣାକର ଧିନ୍ଦା ଉପଜିଲାପାଳଙ୍କୁ ସୂଚନା ଦେଇଥିଲେ। ଉପଜିଲାପାଳଙ୍କ ଚିଠିନଂ.୧୧୧୫ରେ ୨୮ତାରିଖ ସକାଳ ୬ଟାରୁ ୩୦ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ନ୍ତବିଭାଗକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ଚିକିତ୍ସାଧୀନ ରୋଗୀଙ୍କୁ ବେତନଟୀ ଓ ଡୁକୁରା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ବଡ଼ସାହି ଡାକ୍ତରଖାନାକୁ ଆସୁଥିବା ଗୁରୁତର ରୋଗୀମାନଙ୍କୁ ମଧ ନିକଟସ୍ଥ ଡାକ୍ତରଖାନାକୁ ପଠାଇ ଦିଆଯାଉଛି। ସଂକ୍ରମଣକୁ ରୋକିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

## ଡାକ୍ତରଖାନାକୁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ

ଖଇରା, ୨୭।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା' ଅମ୍ବିକା ଟ୍ରଷ୍ଟ ତରଫରୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରାଯାଇଛି। ଅମ୍ବିକା ଟ୍ରଷ୍ଟର ସଞ୍ଚାଳକ ବାବା ଶୁଭେନ୍ଦ୍ର ମୁନି ମଙ୍ଗଳବାର ସକାଳେ ନିଜେ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାଙ୍କ ସହ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ରଙ୍କୁ ଏହି ସିଲିଣ୍ଡର ପ୍ରଦାନ କରିଥିଲେ। କରୋନା ବିପର୍ଯ୍ୟୟ ସମୟରେ ଏହି ସାମାନ୍ୟ ସହାୟତା ରୋଗୀମାନଙ୍କ ଦରକାରରେ ଆସିବ ବୋଲି ବାବା ପ୍ରକାଶ କରିଥିଲେ । ଏହି ସମୟରେ ବରିଷ୍ଠ ନାଗରିକ ସଂଘ ସଭାପତି ଶରତ କୁମାର ବିଶ୍ୱାଳ, ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ସଭ୍ୟ ସନ୍ତୋଷ ଶତପଥୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସୋର ଥାନାରେ ଶସ୍ତ୍ର ପୂଜା

ସୋର, ୨୭।୧୦(ଡି.ଏନ.ଏ.): ସୋର ଥାନା ପରିସରରେ ବିଧି ବ୍ୟବସ୍ଥା ଅନୁଯାୟୀ ବିଜୟାଦଶମୀରେ ଶସ୍ତ୍ର ପୂଜା ହୋଇଛି। ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି ସଂକଳ୍ପରେ ବସି ପୂଜାର୍ଚ୍ଚନା କରିଥିଲେ। ଥାନାରେ ଥିବା ଇନ୍‌ସାସ୍ ରାଇଫଲ, ଏସ୍‌ଏଲ୍‌ଆର୍ ଓ ରିଭଲଭର ସହ ବିଭିନ୍ନ ଶସ୍ତ୍ର ପୂଜା ସହ ମା' ଦେବୀ ଦୁର୍ଗାଙ୍କ ଆରାଧନା କରାଯାଇ ସମସ୍ତଙ୍କର ମଙ୍ଗଳକାମନା କରାଯାଇଛି। ଏସ୍‌ଆଇ ଅଶୋକ କୁମାର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସୂର୍ଯ୍ୟନାରାୟଣ ନାୟକ, ସଚ୍ଚିଦାନନ୍ଦ ଗିରି, ଏଏସ୍‌ଆଇ ରାଧାଗୋବିନ୍ଦ ମଢୁଆଳ, ପ୍ରତାପ କାଳୋ, ପ୍ରଦୀପ କୁମାର ମହାନ୍ତି, ମଦନମୋହନ ଦାସ, ଜୀବନ କୁମାର ମଲ୍ଲିକ, ଗୀତାରାଣୀ ମହାନ୍ତି ଓ ମମତା ଦାସ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

**ବାଲେଶ୍ୱର ଉପନିର୍ବାଚନ**

## ଅବାଧ, ନିରପେକ୍ଷ ନିର୍ବାଚନ ଲାଗି ସ୍ମାରକପତ୍ର

ବାଲେଶ୍ୱର ଅଫିସ, ୨୭।୧୦

ଆସନ୍ତା ୩ରେ ହେବାକୁ ଥିବା ବାଲେଶ୍ୱର ଉପନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଙ୍ଗଳବାର ପୂର୍ବାଞ୍ଚଳ ଆରକ୍ଷୀ ମହାନିରୀକ୍ଷକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଣତନ୍ତ୍ରରେ ସମସ୍ତଙ୍କର ରହିଛି ସମାନ ଅଧିକାର । ବିଶେଷ ଭାବେ ନିର୍ବାଚିତ ପ୍ରତିନିଧିଙ୍କୁ ସାଧାରଣ ଜନତା ତାଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିବା କିମ୍ବା ଅଭିଯୋଗ କରିବାର ଅଧିକାର ରହିଛି । ମାତ୍ର ଏଇଠି ସମସ୍ୟା ସମାଧାନ ପରିବର୍ତ୍ତେ ଧମକ ଦିଆଯାଉଛି। ଯାହାକି ସୁସ୍ଥ ଗଣତନ୍ତ୍ର ପ୍ରତି ବଡ ବିପଦ। ଏହାର ସଦ୍ୟ ଉଦାହରଣ ବାଲେଶ୍ୱରଠାରେ ଦେଖିବାକୁ ମିଳିଛି ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କ୍ଷୋଭ ପ୍ରକାଶ କରିଛନ୍ତି ।

ବାଲେଶ୍ୱର ସଦର ଉପନିର୍ବାଚନ ପାଇଁ ଶ୍ରୀକୋଣା ପଞ୍ଚାୟତ ବନଛକଠାରେ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପ୍ରଚାର ସମୟରେ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ରାସ୍ତାଘାଟ, ପାନୀୟଜଳ ଆଦି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସାମୂହିକ ବିକାଶ ପାଇଁ ଦାବି ଜଣାଇଥିଲେ। ଲୋକଙ୍କ ପ୍ରଶ୍ନବାଣରେ ମନ୍ତ୍ରୀ ହତବଡ଼େଇ ଯାଇଥିଲେ। ଏହାର କିଛି ସମୟ ପରେ ଶାସକଦଳର ଜଣେ ନେତାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକାଠି ସେହି ଗ୍ରାମକୁ ଆସି ପ୍ରଶ୍ନକର୍ତ୍ତାଙ୍କୁ ଧମକଚମକ ଦେବା ସହ ୨ଜଣ ଗ୍ରାମବାସୀଙ୍କୁ ଉଠାଇ ନେଇଯାଇଥିଲେ। ମନ୍ତ୍ରୀଙ୍କ ଇଙ୍ଗିତରେ ଏଭଳି କାର୍ଯ୍ୟ ନିନ୍ଦନୀୟ ଏବଂ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ନାଏକ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବିଧାୟକ ପ୍ରକାଶ ସୋରେନ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାଶ, ଆଇନଜୀବୀ ବିଭୂପଦ ଦାସ, ବିଜୟ ପାଣିଗ୍ରାହୀ, କେଶବ ଆଚାର୍ଯ୍ୟ ଓ ବସନ୍ତ ପ୍ରଧାନ ପ୍ରମୁଖ ସାମିଲ ଥିଲେ।



ଭାଜପା ପକ୍ଷରୁ ପୂର୍ବାଞ୍ଚଳ ଆରକ୍ଷୀ ମହାନିରୀକ୍ଷକଙ୍କୁ ସ୍ମାରକପତ୍ର ଦିଆଯାଉଛି।

## ପ୍ରଚାରରେ ସାମିଲ ହେଲେ ଏକାଧିକ ମନ୍ତ୍ରୀ

ବାଲେଶ୍ୱର ଅଫିସ, ୨୭।୧୦

ଉପନିର୍ବାଚନ ପାଇଁ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ମଙ୍ଗଳବାର ନିର୍ବାଚନମଣ୍ଡଳୀର ପାତ୍ରପଡା, ଶ୍ରୀକଣା, ଚାନ୍ଦିପୁର ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା କରାଯାଇଥିଲା।

ସଦର ବ୍ଲକ ପାତ୍ରପଡା ପଞ୍ଚାୟତରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଦଳୀୟ ପ୍ରାର୍ଥୀ ସ୍ୱରୂପ ଦାସଙ୍କ ପାଇଁ ପ୍ରଚାର କରିଛନ୍ତି ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ସରୋଜ ମେହେର। ପଞ୍ଚାୟତର ଖଡିପାହିର ୭ନଂ. ଓ ୮ନଂ. ୱାର୍ଡରେ ବିଜେଡି ପ୍ରାର୍ଥୀ ସ୍ୱରୂପଙ୍କ ମାରାଥନ ପ୍ରଚାର, ପାତ୍ରପଡା ପଞ୍ଚାୟତ ସଭାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା ଓ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବାଲେଶ୍ୱରର ଜିଲା ବିଜେଡି ସଭାପତି ରବୀନ୍ଦ୍ର ଜେନା ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି ପଞ୍ଚାୟତର ମିର୍ଜାପୁରରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା।




ପାତ୍ରପଡ଼ା ପଞ୍ଚାୟତର ନିର୍ବାଚନୀ ସଭାରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

